# NATIONAL NEWS BULLETIN (ODIA)

**18 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ମୈତ୍ରୀ ପର୍ବ ପାଳନ ଅବସରରେ ମସ୍କଟରେ ବିକଶିତ ଭବିଷ୍ୟତ ଗଠନ ଲାଗି ଭାରତ-ଓମାନ ପ୍ରତିବଦ୍ଧ, କହିଲେ ପ୍ରଧାନମନ୍ତ୍ରୀ ।

- ଆଜି ଉଭୟଦେଶ ମଧ୍ୟରେ ସ୍ୱାକ୍ଷରିତ ହେବ ସ୍ୱତନ୍ତ୍ର ଅର୍ଥନୈତିକ ଚୁକ୍ତିନାମା ।

- ଲୋକସଭାରେ ପାରିତ ହେଲା ବିକଶିତ ଭାରତ ରୋଜଗାର ଏବଂ ଆଜିବିକା ମିଶନ ବିଲ୍ ।

- ଦେଶରେ ବାର୍ଷିକ ୫ଲକ୍ଷ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୬୬ ପ୍ରତିଶତ ଯୁବବର୍ଗ ପ୍ରାଣ ହରାଇଥିବା କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିବା ଯାନବାହନ ଗୁଡ଼ିକୁ ଆଜିଠାରୁ ଦିଲ୍ଲୀର ପେଟ୍ରୋଲ ପମ୍ପରୁ ମିଳିବ ନାହିଁ ତୈଳ ।

# ପିଏମ୍-ଓମାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତର ବିବିଧତା ଏହାର ଦୃଢ଼ ସାଂସ୍କୃତିକ ମୂଳଦୁଆ ଉପରେ ପର୍ଯ୍ୟବେସିତ, ଯେଉଁଥିପାଇଁ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରତ୍ୟେକ ଦିନ ନୂଆରଙ୍ଗ, ନୂଆପର୍ବ ଏବଂ ପାରମ୍ପରିକତାର ନୂତନତ୍ୱରେ ଭରିଯାଇଥାଏ । ମସ୍କଟଠାରେ ଆଜି ଶ୍ରୀ ମୋଦୀ ଭାରତୀୟ ସଂପ୍ରଦାୟ ଓ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି ଭାରତୀୟମାନେ ଯେଉଁଠାକୁ ଯାଆନ୍ତି ଏବଂ ବସବାସ କରନ୍ତି ସେ ସେଠାକାର ସାଂସ୍କୃତିକ ମୂଲ୍ୟବୋଧକୁ ସମ୍ମାନ କରିଥାନ୍ତି । ଓମାନ ଗସ୍ତର ଦ୍ୱିତୀୟ ଦିନରେ ମୈତ୍ରୀ ପର୍ବ ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରବାସୀ ଭାତରୀୟ ବିଦେଶରେ ସହାବସ୍ଥାନ ଏବଂ ସହଯୋଗର ଉଦାହରଣ ପାଲଟିଛନ୍ତି ।

ଓମାନରେ ଭାରତୀୟ ବିଦ୍ୟାଳୟ ବ୍ୟବସ୍ଥାକୁ ୫୦ବର୍ଷ ପୂରଣ ଅବସରରେ ମୈତ୍ରୀ ପର୍ବ ପାଳନ କରାଯାଉଛି । ଶ୍ରୀ ମୋଦୀ ଏହି ପର୍ବକୁ ସାମୁଦ୍ରିକ ଐତିହ୍ୟ, ଆକାଂକ୍ଷା, ନବସୃଜନ, ବିଶ୍ୱାସ, ପ୍ରଯୁକ୍ତିବିଦ୍ୟା ଏବଂ ସମାବେଶୀ ବିକାଶର ପର୍ବ ବୋଲି କହିଛନ୍ତି । ସେ କହିଛନ୍ତି ଦୁଇଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ସାକାର କରିବା ଏବଂ ଏକ ବିକଶିତ ଭବିଷ୍ୟତ ଗଠନ ଲାଗି ମୈତ୍ରୀ ପର୍ବ ଉଦ୍ଦିଷ୍ଟ ।

ଆଜି ସକାଳେ ଶ୍ରୀ ମୋଦୀ ମସ୍କଟଠାରେ ଭାରତ-ଓମାନ ବାଣିଜ୍ୟିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ । ସେ କହିଥିଲେ ଏହି ସମ୍ମିଳନୀ ଦୁଇଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗତିଶୀଳ କରିବ । ସେ କହିଥିଲେ ଋତୁରେ ପରିବର୍ତ୍ତନ ହୋଇପାରେ କିନ୍ତୁ ଭାରତ ଓ ଓମାନ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଦିନକୁଦିନ ଦୃଢ଼ତାରେ ପରିଣତ ହେବ । ୭୦ବର୍ଷର କୂଟନୈତିକ ସମ୍ପର୍କକୁ ସ୍ମରଣ କରି ଶ୍ରୀ ମୋଦୀ କହିଛନ୍ତି ଉଭୟ

ଦେଶ ମଧ୍ୟରେ ଏହି ଭାଗିଦାରୀ ସମ୍ପର୍କ ବିଶ୍ୱାସ ଏବଂ ବନ୍ଧୁତ୍ୱ ଆଧାରିତ ଯାହା ଆଗାମୀ ଦିନରେ ସମ୍ପର୍କକୁ ଆହୁରି ବିକଶିତ କରିବ ।

ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି ଭାରତ ଏବଂ ଓମାନ ମଧ୍ୟରେ ସ୍ୱତନ୍ତ୍ର ଅର୍ଥନୈତିକ ସହଭାଗି ଚୁକ୍ତି ସ୍ୱାକ୍ଷରିତ ହେବ । ଏହାଦ୍ୱାରା ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ଅର୍ଥନୈତିକ ସହଯୋଗ ଆହୁରି ଦୃଢ଼ ହୋଇପାରିବ । ଏହାପୂର୍ବରୁ ଓମାନର ବାଣିଜ୍ୟ ମନ୍ତ୍ରୀ କ୍ୱାଇସ୍ ବିନ୍ ମହମ୍ମଦ ଅଲ୍ ୟୁସେଫ୍ ଭାରତୀୟ ପ୍ରତିନିଧିମାନଙ୍କୁ ସ୍ୱାଗତ କରି ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଭବିଷ୍ୟତର ଦୃଷ୍ଟିକୋଣ ସମ୍ପର୍କରେ ଆଲୋକପାତ କରିଥିଲେ ।

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓମାନର ସୁଲତାନଙ୍କ ସହ ଦ୍ୱିପକ୍ଷୀୟ ଆଲୋଚନା କରିବେ । ଉଭୟ ଦେଶ ମଧ୍ୟରେ ଯେଭଳି ସ୍ୱାର୍ଥଜଡିତ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ଦୃଢ଼ ହୋଇପାରିବ ସେ ସମ୍ପର୍କରେ ଉଭୟ ନେତା ମତ ବିନିମୟ କରିବେ । ଆମ ସମ୍ବାଦଦାତା ଜଣାଇଛନ୍ତି ଓମାନର ରାଜପ୍ରାସାଦରେ ବହୁ ପ୍ରତିକ୍ଷୀତ ସ୍ୱତନ୍ତ୍ର ଅର୍ଥନୈତିକ ସହଯୋଗ ଚୁକ୍ତି ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି ।

## ଏଲ୍.ଏସ୍. - ଜି. ରାମ୍ ଜି. ବିଲ୍

ଲୋକସଭାରେ ବିକଶିତ ଭାରତ ରୋଜଗାର ଏବଂ ଜୀବିକା ମିଶନପାଇଁ ଗ୍ୟାରେଣ୍ଟି ଅଭିଯାନ (ଗ୍ରାମୀଣ) - VB G. RAM G-2025 ବିଲ୍ ଆଜି ପାରିତ ହୋଇଛି । ଏହି ବିଲ୍ ୨୦ବର୍ଷର ପୁରାତନ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ୍-୨୦୦୫ର ସ୍ଥାନ ନେବ । ୨୦୪୭

ସୁଦ୍ଧା ବିକଶିତ ଭାରତ ଭିଜନ ଅଧୀନରେ ଏକ ଗ୍ରାମୀଣ ବିକାଶ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଏହି ବିଲ୍ ସହାୟକ ହେବ । ଏଥିରେ ଗ୍ରାମୀଣ ପରିବାରକୁ ୧୨୫ ଦିନର ମଜୁରୀ ଆଧାରିତ ନିଯୁକ୍ତି ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି । ବିଲ୍‌ରେ ସଶକ୍ତୀକରଣ, ବିକାଶ, ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । ଏହି ବିଲ୍‌ଦ୍ୱାରା ଦେଶରେ ଆତ୍ମନିର୍ଭର, ବିକଶିତ ତଥା ଦାରିଦ୍ର୍ୟମୁକ୍ତ ଗ୍ରାମ ସୃଷ୍ଟି କରାଯାଇପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦-୪୦ ଅନୁପାତରେ ପାଣ୍ଠି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ତେବେ ଅପରପକ୍ଷରେ ଉତ୍ତର ପୂର୍ବାଞ୍ଚଳ ଏବଂ ହିମାଳୟ ପର୍ଯ୍ୟବେସିତ ରାଜ୍ୟ ଗୁଡ଼ିକରେ ଏହା ୯୦-୧୦ ଅନୁପାତରେ ପାଣ୍ଠି ଖର୍ଚ୍ଚ କରାଯିବ ବୋଲି ଏହି ବିଲ୍‌ରେ ବ୍ୟବସ୍ଥା ରହିଛି । କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବିରାଜ ସିଂହ ଚୌହ୍ୱାନ ଲୋକସଭାରେ କହିଛନ୍ତି...

**V/O**

## ଲୋକସଭା-ରୋଡ ଆକ୍ସିଡେଣ୍ଟ

କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଦେଶରେ ହେଉଥିବା ସଡ଼କ ଦୁର୍ଘଟଣା ପ୍ରସଙ୍ଗରେ ଚିନ୍ତାପ୍ରକଟ କରିଛନ୍ତି । ଲୋକସଭା ଆସନ ଅଞ୍ଚଳରେ ଏ ସମ୍ପର୍କରେ ଲୋକସଚେତନତା ବୃଦ୍ଧି କରିବା ପାଇଁ ସେ ସାଂସଦମାନଙ୍କୁ ଆହ୍ୱାନ କରିଛନ୍ତି । ଲୋକସଭାରେ ପ୍ରଶ୍ନକାଳରେ ଉତ୍ତରଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ବର୍ଷକୁ ଦେଶରେ ୫ଲକ୍ଷ ସଡ଼କ

ଦୁର୍ଘଟଣା ଘଟୁଛି । ଯେଉଁଥିରେ ହାରାହାରି ୧ଲକ୍ଷ ୮୦ହଜାର ଲୋକ ପ୍ରାଣ ହରାଉଛନ୍ତି । ଏହାମଧ୍ୟରୁ ୬୬ପ୍ରତିଶତ ମୃତକ ୧୮ରୁ ୩୪ ବର୍ଷର ଯୁବବର୍ଗ ରହିଥିବା ନେଇ ଶ୍ରୀ ଗଡକରୀ ଲୋକସଭାରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଦେଶରେ ପ୍ରାୟ ୭ହଜାର ବ୍ଲାକ ସ୍ପଟ୍ ଚିହ୍ନଟ କରାଯାଇଛି ଏବଂ ଏଭଳି ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ସରକାର ୪୦ହଜାର କୋଟି ଟଙ୍କା ମଞ୍ଜୁରୀ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ରାହା-ବିର୍ ଯୋଜନା ୨୦୨୫ ଅଧୀନରେ ଯେଉଁ ବ୍ୟକ୍ତି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ହସ୍ପିଟାଲରେ ନେଇ ପହଞ୍ଚାଇବେ ତାଙ୍କୁ ରାହା-ବୀର୍‌ର ଆଖ୍ୟା ଦେବା ସହ ୨୫ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି ସଡ଼କ ଦୁର୍ଘଟଣାରେ ପୀଡିତ ଲୋକମାନେ ଚିକିତ୍ସିତ ହେବାପାଇଁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଲକ୍ଷେ ୫୦ହଜାର ଟଙ୍କାର ବ୍ୟବସ୍ଥା କରାଯାଇଥିବାବେଳେ ପ୍ରଥମ ୭ ଦିନ ମାଗଣା ଚିକିତ୍ସା ପ୍ରଦାନ କରାଯାଉଛି । ଲୋକସଭାରେ ଶ୍ରୀ ଗଡ଼କରୀ ସୂଚନା ଦେଇ କହିଛନ୍ତି ସଡ଼କ ଦୁର୍ଘଟଣା ଘଟିଲେ ଏଥିପାଇଁ ସମନ୍ୱିତ ଜରୁରୀକାଳୀନ ହେଲ୍‌ପଲାଇନ୍ ନମ୍ବରର ବ୍ୟବସ୍ଥା କରାଯିବା ସହ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି । ରାଜ୍ୟ ସରକାରଙ୍କ ସହ ଚୁକ୍ତିନାମା କରାଯାଇ ଘଟଣାସ୍ଥଳକୁ ତ୍ୱରିତ ବେଗରେ ଅତ୍ୟାଧୁନିକ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଦୁର୍ଘଟଣାସ୍ଥଳକୁ କେତେକ

ପ୍ରମୁଖ ଅଞ୍ଚଳରେ ୧୦ମିନିଟ୍ ଭିତରେ ଆମ୍ବୁଲାନ୍ସ ପହଞ୍ଚାଇବାର ବ୍ୟବସ୍ଥା ହେବ ବୋଲି ସେ କହିଛନ୍ତି । ଏମ୍ସ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନକୁ ଉଲ୍ଲେଖ କରି ଶ୍ରୀ ଗଡକରୀ କହିଛନ୍ତି ସମୟ ଭିତରେ ଯଦି ଜଣେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ହସ୍ପିଟାଲରେ ପହଞ୍ଚି ପାରୁଛନ୍ତି ତେବେ ବର୍ଷକୁ ପ୍ରାୟ ୫୦ହଜାର ଲୋକଙ୍କ ପ୍ରାଣ ବଞ୍ଚିପାରିବ ।

## ଏଲ୍ଏସ୍-ଏୟାରପୋର୍ଟସ

ଆଞ୍ଚଳିକ ଆକାଶପଥ ଯୋଗାଯୋଗ ବ୍ୟବସ୍ଥା ଉଡାନ ଯୋଜନା ଅଧୀନରେ ଦେଶର ବିମାନବନ୍ଦର ସଂଖ୍ୟା ବୃଦ୍ଧି କରାଯାଉଛି । ୨୦୧୪ରେ ବିମାନବନ୍ଦର ସଂଖ୍ୟା ୭୪ ଥିବାବେଳେ ଏହା ବର୍ତ୍ତମାନ ବୃଦ୍ଧି ପାଇ ୧୬୦ରେ ପହଞ୍ଚିଛି । ଆକାଶପଥରେ ସୁଲଭ ମୂଲ୍ୟରେ ଯାତ୍ରାକରିବା ପାଇଁ ୨୦୧୬ରେ ଏହି ଯୋଜନା ଆରମ୍ଭ ହୋଇଥିଲା । ଲୋକସଭାରେ ଆଜି ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ସରକାର ସଫଳତାର ସହ ଏହି ବିମାନ ବନ୍ଦରର ସଂଖ୍ୟାକୁ ବୃଦ୍ଧି କରିପାରିଛନ୍ତି । ସେ କହିଛନ୍ତି ସରକାର ମଧ୍ୟ ଦେଶର ବିଭିନ୍ନ ରାଜ୍ୟ ବିଶେଷଭାବେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଏବଂ ଉତ୍ତରାଖଣ୍ଡକୁ ଏହି ଯୋଜନା ଅଧୀନରେ ହେଲିକପ୍ଟର ସେବା ଆରମ୍ଭ କରିଛନ୍ତି । ଉଡାନ ଯୋଜନା

ଆସନ୍ତା ୧୦ବର୍ଷ ପାଇଁ ବୃଦ୍ଧି କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ନାଇଡୁ ଲୋକସଭାରେ କହିଛନ୍ତି ।

## ଦିଲ୍ଲୀ-ପେଟ୍ରୋଲ ବନ୍ଦ

ଦିଲ୍ଲୀର ପେଟ୍ରୋଲ ପମ୍ପ ଗୁଡ଼ିକରେ ଆଜିଠାରୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିବା ଯାନବାହନ ଗୁଡ଼ିକୁ ତୈଳ ପ୍ରଦାନ କରାଯିବ ନାହିଁ । ଏହାକୁ ନିରୀକ୍ଷଣ କରିବା ପାଇଁ ସ୍ୱତନ୍ତ୍ର କ୍ୟାମେରାମାନ ସ୍ଥାପନ କରାଯାଇଛି । ଫଳରେ ଗାଡ଼ିର ନମ୍ବରପ୍ଲେଟରୁ ପ୍ରଦୂଷଣ ପ୍ରମାଣପତ୍ର ଅଛି କି ନାହିଁ ତାହା ଜଣାପଡିବ । ଅନ୍ୟପକ୍ଷରେ ଦିଲ୍ଲୀ ସରକାର ନିର୍ମାଣ ଉପକରଣ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକର ଗମନାଗମନ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲାଗୁ କରିଛନ୍ତି । ସେହିପରି ବିଏସ୍-୬ ବର୍ଗର ହୋଇନଥିବା ଦିଲ୍ଲୀ ବାହାରର ଘରୋଇ ଯାନବାହନ ଗୁଡ଼ିକୁ ଆଜିଠାରୁ ଦିଲ୍ଲୀ ମଧ୍ୟକୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି । ତେବେ ସିଏନ୍‌ଜି ଏବଂ ଇଲେକ୍ଟ୍ରିଚାଳିତ ଯାନବାହନ ଓ ସାଧାରଣ ଗମନାଗମନ ଓ ଅତ୍ୟାବଶ୍ୟକ ଦ୍ରବ୍ୟର ପରିବହନକୁ ଏହି କଟକଣାରୁ ବାଦ୍ ଦିଆଯାଇଛି ।

## ଏଲ୍‌ଏସ୍-ଏକଲବ୍ୟ ସ୍କୁଲ

ସରକାର କହିଛନ୍ତି ଆଦିବାସୀ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଦେଶରେ ଏବେ ୪୪୦ଟି ଏକଲବ୍ୟ ମଡେଲ ଆବାସିକ ସ୍କୁଲ ରହିଛି । ଲୋକସଭାରେ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ସରକାର ୭୨୮ଟି ଏକଲବ୍ୟ ମଡେଲ ଆବାସିକ ସ୍କୁଲ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଆଦିବାସୀମାନଙ୍କ କଲ୍ୟାଣ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ କଲ୍ୟାଣକାରୀ ଯୋଜନା ଗୁଡ଼ିକ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି । ଶ୍ରୀ ଓରାମ ଲୋକସଭାରେ ସୂଚନା ଦେଇଛନ୍ତି ଯେ ସରକାର ଧର୍‌ତୀ ଅବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ୬୩ହଜାର ଆଦିବାସୀ ଗ୍ରାମର ବିକାଶ ପାଇଁ ୮୦ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି । ସେ କହିଛନ୍ତି କେବଳ ଆଦିମ ଆଦିବାସୀ ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପିଏମ୍ ଜନମନ ଯୋଜନା ଆରମ୍ଭ ହୋଇଛି ।

## ଛତିଶଗଡ-ମାଓଇଷ୍ଟ-ଏନ୍‌କାଉଣ୍ଟର

ଛତିଶଗଡର ସୁକ୍‌ମା ଜିଲ୍ଲାରେ ସୁରକ୍ଷାବଳ ଓ ମାଓବାଦୀ ମଧ୍ୟରେ ଗୁଳିବିନିମୟ ଘଟି ୩ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଛି । ପୁଲିସ ସୂଚନା ଅନୁସାରେ କିସ୍ତାରାମ ଅଞ୍ଚଳରେ ମାଓବାଦୀମାନଙ୍କ ଉପସ୍ଥିତିର ଖବର

ପାଇଁ ଜିଲ୍ଲା ସଂରକ୍ଷିତ ବଳକୁ ତଲାସୀ ଅଭିଯାନ ପାଇଁ ସେହିସ୍ଥାନକୁ ପଠାଯାଇଥିଲା । ସିଙ୍ଗାନାମାରାଗୁ ଅଞ୍ଚଳରେ ଆଜି ସକାଳେ ଏହି ଗୁଳିବିନିମୟ ଘଟିଥିଲା । ଘଟଣାସ୍ଥଳରୁ ୩ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅତିରିକ୍ତ ପୁଲିସ ଓ ସୁରକ୍ଷାବଳ ଘଟଣାସ୍ଥଳରେ ପହଞ୍ଚି ବ୍ୟାପକ ତଲାସୀ ଅଭିଯାନ ଆରମ୍ଭ କରିଛନ୍ତି ।

## ଇଣ୍ଡିଆ-ସାଉଦି ଭିସା

ଭାରତ ଏବଂ ସାଉଦୀଆରବ ମଧ୍ୟରେ ଦ୍ୱିପାକ୍ଷିକ ଭିସା ଛାଡ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଭାରତ, ସାଉଦିଆରବ ରଣନୈତିକ ଭାଗିଦାରୀ ପରିଷଦ ଅଧୀନରେ ଉଭୟଦେଶ ମଧ୍ୟରେ ଅଧିକାରୀମାନଙ୍କ ଗସ୍ତକୁ ସହଜ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏହି ଚୁକ୍ତିନାମାକୁ ସାଉଦୀଆରବରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସୁହେଲ ଆଜାଦ ଖାନ୍ ଏବଂ ସାଉଦୀ ଆରବ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପ୍ରୋଟୋକଲ ବ୍ୟାପାର ଉପମନ୍ତ୍ରୀ ଅବଦୁଲ ମଜିଦ୍ ବିନ୍ ରସିଦ୍ ଅଲ୍‌ସମାରୀ ସ୍ୱାକ୍ଷରିତ କରିଛନ୍ତି ।

ଉଭୟ ଦେଶର ବରିଷ୍ଠ ଅଧିକାରୀ କୌଣସି କୂଟନୈତିକ ସମ୍ପର୍କିତ ଆଲୋଚନା ପାଇଁ ସେହି ଦେଶକୁ ଯାତ୍ରା କରୁଥିବାବେଳେ ସ୍ୱଳ୍ପ ରହଣି ପାଇଁ ଏହି ଭିସାଛାଡ଼ ବ୍ୟବସ୍ଥା ସହାୟକ ହେବ ।